# NATIONAL NEWS BULLETIN (ODIA)
## 18th November - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ବ୍ରାଜିଲ୍ ଜି-୨୦ ଶିଖର ସମ୍ମିଳନୀରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଝାଡ଼ଖଣ୍ଡ ଓ ମହାରାଷ୍ଟ୍ର ବିଧାନସଭା ଏବଂ ବିଭିନ୍ନ ରାଜ୍ୟର ଉପନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ଶେଷ ହେଉଛି ପ୍ରଚାର କାର୍ଯ୍ୟ ।
- ମଣିପୁରର ସୁରକ୍ଷା ସ୍ଥିତି ନେଇ ଆଜି ବିସ୍ତୃତ ସମୀକ୍ଷା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଇସ୍ରାଏଲର କ୍ଷେପଣାସ୍ତ୍ର ଆକ୍ରମଣରେ ହିଜିବୁଲ୍ଲାର ଗଣମାଧ୍ୟମ ମୁଖ୍ୟଙ୍କ ମୃତ୍ୟୁ ।

ଏବଂ

- ମହିଳା ଏସୀୟ ହକି ଚାମ୍ପିୟନ୍ସ ଟ୍ରଫିରେ ସେମିଫାଇନାଲ ପର୍ଯ୍ୟାୟରେ ଆଜି ଭାରତ ଓ ଜାପାନ ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ଜି-୨୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରାଜିଲ୍‌ର ରିଓ ଡି ଜେନେରିଓ'ଠାରେ ଆଜି ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବେ । ଏହି ସମ୍ମିଳନୀରେ ଯୋଗ ଦେଉଥିବା ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ପୃଥକ୍ ପୃଥକ୍ ଆଲୋଚନା ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ଆଜି ଏବଂ ଆସନ୍ତାକାଲି ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ଜି-୨୦ ଶିଖର ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଚୀନ ରାଷ୍ଟ୍ରପତି ଷି ଜିନ୍‌ପିଙ୍ଗ୍ ମଧ୍ୟ ଯୋଗ ଦେଉଛନ୍ତି । ତିନୋଟି ଦେଶ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନାଇଜେରିଆ ଗସ୍ତ ଶେଷକରି ଆଜି ସକାଳେ ବ୍ରାଜିଲ୍‌ରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ସମ୍ମିଳନୀରେ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ଉପସ୍ଥାପନ କରିବେ । ଭାରତର ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀର ଘୋଷଣାନାମା ଏବଂ ଇତିମଧ୍ୟରେ ଭାରତଦ୍ୱାରା ଆୟୋଜିତ 'ଭଏସ୍ ଅଫ୍ ଦି ଗ୍ଲୋବାଲ୍ ସାଉଥ୍ ଶିଖର ସମ୍ମିଳନୀ'ର ନିର୍ଯ୍ୟାସ ଉପରେ ଆଲୋକପାତ କରିବେ । ଚଳିତ ବର୍ଷ

ଜି-୨୦ ଶିଖର ସମ୍ମିଳନୀର ବିଷୟବସ୍ତୁ ରହିଛି 'ଏକ ନ୍ୟାୟପୂର୍ଣ୍ଣ ଏବଂ ନିରନ୍ତର ବିଶ୍ୱ ନିର୍ମାଣ' । ବ୍ରାଜିଲ୍‌ର ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ସାମାଜିକ ଅନ୍ତର୍ଭୁକ୍ତୀକରଣ, ଦାରିଦ୍ର୍ୟ, ନିରନ୍ତର ବିକାଶ ଏବଂ ବିଶ୍ୱ ପ୍ରଶାସନରେ ସଂସ୍କାର ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ ବୋଲି ଜଣାପଡ଼ିଛି ।

ପୂର୍ବରୁ ନାଇଜେରିଆ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି' ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଭାରତ' ନାଇଜେରିଆ ସହିତ ନିଜର ରଣନୈତିକ ଭାଗିଦାରୀକୁ ଉଚ୍ଚ ପ୍ରାଥମିକତା ଦେଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା ଓ ସଂସ୍କୃତି ଆଦି ସହଯୋଗର କ୍ଷେତ୍ର ବୋଲି ଶ୍ରୀ ମୋଦି ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ନାଇଜର' ସମ୍ମାନ ପ୍ରଦାନ କରାଯାଇଥିଲା । ସେଥିପାଇଁ ସେ ନାଇଜେରିଆ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ସମ୍ମାନ ଭାରତୀୟଙ୍କ ପାଇଁ ଗୌରବର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଗସ୍ତର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗୁଏନା ଗସ୍ତରେ ଯିବେ ।

## ଝାଡ଼ଖଣ୍ଡ କ୍ୟାମ୍ପେନ୍

ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ର ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏହି ପର୍ଯ୍ୟାୟରେ ଝାଡ଼ଖଣ୍ଡର ୩୮ଟି ବିଧାନସଭା ଆସନପାଇଁ ମତଗ୍ରହଣ କରାଯିବ । ପ୍ରଚାରର ଆଜି ଶେଷଦିନରେ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ର୍‍ୟାଲି ଏବଂ ରୋଡ୍ ଶୋ'ର ଆୟୋଜନ କରାଯାଉଛି । ବି.ଜେ.ପି. ନେତା ତଥା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସାହେବଗଞ୍ଜ, ଜାମ୍‌ତରା ଏବଂ ଦେଓଘରଠାରେ ନିର୍ବାଚନୀ ର୍‍ୟାଲୀରେ ଯୋଗଦେବେ । ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ବରହେତ୍, ଧାନବାଦ ଏବଂ ବୋକାରୋଠାରେ ନିର୍ବାଚନୀ ର୍‍ୟାଲୀକୁ ସମ୍ବୋଧନ କରିବା ସହ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବେ । ରାଜ୍ୟଶାଖା ସଭାପତି ବାବୁଲାଲ୍ ମାରାଣ୍ଡି ବୋରିଓ ନିର୍ବାଚନ ମଣ୍ଡଳୀରେ କେତେକ ସମାବେଶରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରରେ ସାମିଲ୍ ହେବେ ।

ଅନ୍ୟପକ୍ଷରେ ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବ ଇଣ୍ଡି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ଏବଂ ଏ.ଜେ.ଏସ୍.ୟୁ. ସଭାପତି ସୁଦେଶ କୁମାର

ମାହଦୋ ଏନ୍.ଡି.ଏ. ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ର୍‍ୟାଲୀରେ ଯୋଗଦେବେ ।

## ମହାରାଷ୍ଟ୍ର ଇଲେକ୍ସନ

ମହାରାଷ୍ଟ୍ରର ୨୮୮ଟି ବିଧାନସଭା ଆସନପାଇଁ ଏକକ ପର୍ଯ୍ୟାୟରେ ଆସନ୍ତା ବୁଧବାର ଦିନ ମତଗ୍ରହଣ କରାଯିବ । ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେଉଥିବାବେଳେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରାଯାଇଛି । ବିଭିନ୍ନ ଦଳର ଷ୍ଟାର୍ ପ୍ରଚାରକମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟର୍‌ଙ୍କୁ ଆକୃଷ୍ଟ କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି । ବି.ଜେ.ପି. ପକ୍ଷରୁ ଗତକାଲି ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ୍, ନୀତିନ ଗଡ଼କରୀ ଏବଂ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ବିଭିନ୍ନ ନିର୍ବାଚନୀ ର୍‍ୟଲିରେ ମହାୟୁତି ମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ଦଳ ପକ୍ଷରୁ ଆଜି ମଧ୍ୟ ଆୟୋଜିତ ହେବାକୁ ଥିବା କେତୋଟି ନିର୍ବାଚନୀ ର୍‍ୟାଲିରେ ମଧ୍ୟ ବି.ଜେ.ପି.ର କେନ୍ଦ୍ରୀୟ ଏବଂ ରାଜ୍ୟସ୍ତରୀୟ ବରିଷ୍ଠ ନେତା ସାମିଲ୍ ହେବାର କାର୍ଯ୍ୟସୂଚୀ ରହିଛି ।

ସେହିଭଳି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି, ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପଓ୍ୱନ୍ କଲ୍ୟାଣ, ବି.ଏସ୍.ପି. ମୁଖ୍ୟ ମାୟାବତୀ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରୁଛନ୍ତି ।

## ବାଇପୋଲ୍

ମହାରାଷ୍ଟ୍ରର ନାନ୍ଦେଡ୍ ସଂସଦୀୟ କ୍ଷେତ୍ର ସମେତ ବିଭିନ୍ନ ରାଜ୍ୟର ୧୫ଟି ବିଧାନସଭା ଆସନ ଉପନିର୍ବାଚନ ପାଇଁ ଆସନ୍ତା ବୁଧବାର ଦିନ ମତ ନିଆଯିବ । ଏଥିପାଇଁ ପ୍ରଚାର କାର୍ଯ୍ୟ ଆଜି ସନ୍ଧ୍ୟାରେ ଶେଷ ହେଉଛି । ସେହି ବିଧାନସଭା ଆସନ ଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶର ୯ଟି, ପଞ୍ଜାବର ୪ଟି କେରଳ ଏବଂ ଉତ୍ତରାଖଣ୍ଡର ଗୋଟିଏ ଲେଖାଏଁ ରହିଛି । ଭୋଟ୍ ଗଣତି ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା କରାଯିବ ।

## ଶାହା - ମଣିପୁର

ମଣିପୁରର ସୁରକ୍ଷା ସ୍ଥିତି ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ସମୀକ୍ଷା କରିବେ । ନୂଆଦିଲ୍ଲୀରେ ଗତକାଲି ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ସେ

ଆଲୋଚନା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ ମଣିପୁରରେ ଆଇନ ଶୃଙ୍ଖଳା ଏବଂ ଶାନ୍ତି ଫେରାଇ ଆଣିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଦିଆଯାଇଛି । ସେଠାରେ ଉଭୟ ସମ୍ପ୍ରଦାୟର ଲୋକ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହିବା ସହ ଧନଜୀବନ ହାନି ହେଉଛି । ବିଶୃଙ୍ଖଳାମୂଳକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି । ତଦନ୍ତ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକୁ ଏନ୍.ଆଇ.ଏ.କୁ ହସ୍ତାନ୍ତର କରାଯାଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି । ଶାନ୍ତି ବଜାୟ ରଖିବା, ଗୁଜବକୁ ବିଶ୍ୱାସ ନ କରିବା ଏବଂ ସୁରକ୍ଷା ବାହିନୀକୁ ସହଯୋଗ ପ୍ରଦାନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟବାସୀଙ୍କୁ ଅନୁରୋଧ କରାଯାଇଛି ।

## ଇସ୍ରାଏଲ୍ - ହିଜିବୁଲ୍ଲା

ଇସ୍ରାଏଲ୍ ପକ୍ଷରୁ ଆକାଶମାର୍ଗରୁ ଆକ୍ରମଣରେ ହିଜିବୁଲ୍ଲାର ଗଣମାଧ୍ୟମ ମୁଖ୍ୟ ମହମ୍ମଦ ଆଫିଫ୍ ଏବଂ ଅନ୍ୟ ୩ ଜଣଙ୍କର ମୃତ୍ୟୁ ହୋଇଛି । କେନ୍ଦ୍ରୀୟ ବେରୁଟ୍‌ରେ ଥିବା ସିରିଆର ବାଥ୍ ପାର୍ଟି କାର୍ଯ୍ୟାଳୟକୁ ଲକ୍ଷ୍ୟ କରି ଇସ୍ରାଏଲ୍ ପକ୍ଷରୁ ଆକ୍ରମଣ କରାଯାଇଥିଲା । ଇସ୍ରାଏଲ୍ ସେନା ଏ ସମ୍ପର୍କରେ ସୂଚନା

ଦେଇ କହିଛି, ସେହି କାର୍ଯ୍ୟାଳୟକୁ ଖାଲି କରିବାକୁ ପ୍ରଥମେ କୁହାଯାଇଥିଲା । ଇସ୍ରାଏଲ୍ ଯୁଦ୍ଧ ବିମାନଦ୍ୱାରା ଏହାପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା । ଏହି ଆକ୍ରମଣରେ ଲକ୍ଷ୍ୟସ୍ଥଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଇସ୍ରାଏଲ୍ ସେନା କହିଛି । ସୂଚନାଯୋଗ୍ୟ, ଇସ୍ରାଏଲ୍ ସେନା ଏବଂ ହିଜିବୁଲ୍ଲା ମଧ୍ୟରେ ଗତ ସେପ୍ଟେମ୍ବର ମାସ ୨୩ ତାରିଖରୁ ସଂଘର୍ଷ ବୃଦ୍ଧି ପାଇଥିବାବେଳେ ଲେବାନନ୍ ଉପରେ ବିମାନ ଆକ୍ରମଣ ଜାରି ରହିଛି । ଅକ୍ଟୋବର ମାସ ଆରମ୍ଭରୁ ଇସ୍ରାଏଲ୍ ଉତ୍ତର ସୀମା ଅତିକ୍ରମ କରି ଲେବାନନ୍ ବିରୋଧରେ ସ୍ଥଳଭାଗରୁ ଆକ୍ରମଣ ଆରମ୍ଭ କରିଥିଲା ।

## ଡି.ଡି. ଡି.ଜି. ପାସ୍‌ଡ୍ ଆୱେ

ଭାରତୀୟ ସୂଚନା ସେବାର ପୂର୍ବତନ ମହାନିର୍ଦ୍ଦେଶକ ଏସ୍.ଏମ୍. ଖାଁଙ୍କର ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା । ନୂଆଦିଲ୍ଲୀର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି । ୧୯୮୨ ବ୍ୟାଚ୍ ଆଇ.ଆଇ.ଏସ୍. ଅଧିକାରୀ ଶ୍ରୀ ଖାଁ ଦୂରଦର୍ଶନ ସମାଚାର ବିଭାଗର ମହାନିର୍ଦ୍ଦେଶକ ତଥା ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡକ୍ଟର ଏ.ପି.ଜେ. ଅବଦୁଲ୍ କଲାମଙ୍କର ପ୍ରେସ୍ ସଚିବ ଭାବେ କାର୍ଯ୍ୟ କରିଥିଲେ । ପି.ଆଇ.ବି., ଏ.ଏନ୍.ଆଇ. ଏବଂ ସୂଚନା ଓ ପ୍ରସାରଣ

ମନ୍ତ୍ରଣାଳୟର ବିଭିନ୍ନ ଗଣମାଧ୍ୟମ ଶାଖା ତଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋରେ ସେ ଦୀର୍ଘକାଳ ଧରି ଦକ୍ଷତାର ସହ କାର୍ଯ୍ୟ କରିଥିଲେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ। ଆଜିର ବିଷୟ ବସ୍ତୁ ରହିଛି **'ଡିଜିଟିଲାଲ୍ ଲାଇଫ୍ ସାର୍ଟିଫିକେଟ୍'।** ପେନ୍‌ସନ୍ ଓ ପେନ୍‌ସନଭୋଗୀ କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଧ୍ରୁବଜ୍ୟୋତି ସେନଗୁପ୍ତା ଏବଂ ଡିଫେନ୍ସ ଆକାଉଣ୍ଟସ୍ (ପେନ୍‌ସନ୍) ବିଭାଗର ଯୁଗ୍ମ ମହାନିୟନ୍ତ୍ରକ ମୌଲି ସେନ୍‌ଗୁପ୍ତା ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୋତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ।

ଏଥିରେ ଅଂଶଗ୍ରହଣ କରିବା ପାଇଁ ଶ୍ରୋତାମାନେ ଆଜି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର 011- 23421050 ଓ 011-23314444 କୁ ଡାଏଲ୍ କରି ବାୟୁ ପ୍ରଦୂଷଣ ସମ୍ପର୍କିତ ପ୍ରଶ୍ନ ପଚାରିପାରିବେ।

ଏହାଛଡ଼ା ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର 9289094044 ମାଧ୍ୟମରେ ଏବଂ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ **ଆସ୍କ-ଏୟାର** ହ୍ୟାସଟ୍ୟାଗ୍ ସହ ନିଜ ପ୍ରଶ୍ନ ପୋଷ୍ଟ କରିପାରିବେ।

## ଝାଡ଼ଖଣ୍ଡ - ଇ.ସି.

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନପାଇଁ ପ୍ରଚାର ଶେଷ ହେବା ପରେ ଘରୋଇ ଗାଡ଼ିରେ ନିର୍ବାଚନ ସମ୍ପର୍କିତ ବ୍ୟାନର୍ କିମ୍ବା ବୋର୍ଡ଼ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କେ ରବି କୁମାର କହିଛନ୍ତି, ଏହି ଆଦେଶ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେ କହିଛନ୍ତି, ଏହି ପର୍ଯ୍ୟାୟରେ ମୋଟ୍ ୧୪ ହଜାର ୨୧୮ଟି ବୁଥ୍ ମଧ୍ୟରୁ ୩୧ଟି ସମ୍ବେଦନଶୀଳ ବୁଥ୍‌ରେ ଅପରାହ୍ନ ୪ଟାରେ ମତଗ୍ରହଣ ଶେଷ ହେବ । ଅନ୍ୟ ବୁଥ୍‌ଗୁଡ଼ିକରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ଜାରି ରହିବ ବୋଲି ସେ କହିଛନ୍ତି । ନିର୍ବାଚନ ଘୋଷଣା ହେବା ପରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ତଲାସୀ ଅଭିଯାନ ବେଳେ ୧୦୦ କୋଟି ୯୬ ଲକ୍ଷ ଟଙ୍କା ଜବତ କରାଯାଇଛି । ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ୮୫ଟି ମାମଲା ରୁଜୁ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି ।

# ୱିମେନ୍ - ହକି

ମହିଳା ଏସୀୟ ହକି ଚାମ୍ପିୟନ୍ସ ଟ୍ରଫିରେ ସେମିଫାଇନାଲ ପର୍ଯ୍ୟାୟରେ ଆଜି ଭାରତ ଓ ଜାପାନ ମଧ୍ୟରେ ମୁକାବିଲା ହେବ । ଅନ୍ୟ ଏକ ସେମିଫାଇନାଲ୍ ମ୍ୟାଚ୍‌ରେ ଚୀନ୍ ଏବଂ ମାଲେସିଆ ପରସ୍ପରକୁ ଭେଟିବେ ।

ଗତକାଲି କ୍ୱାର୍ଟର ଫାଇନାଲ୍‌ରେ ଭାରତ' ଜାପାନ୍‌କୁ ୩-୦ ଗୋଲ୍‌ରେ ପରାସ୍ତ କରିଥିଲା । ଭାରତ ପକ୍ଷରୁ ନବନୀତ ଗୋଟିଏ ଗୋଲ୍ ଓ ଦୀପିକା ୨ଟି ଗୋଲ୍ ଦେଇଥିଲେ । ୫ଟି ମ୍ୟାଚ୍ ଜିତି ଭାରତ ସର୍ବାଧିକ ୧୫ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି ।

ଅନ୍ୟପକ୍ଷରେ ଗତକାଲି ମାଲେସିଆ ୨-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଥିବା ବେଳେ ଚୀନ୍ ସମାନ ବ୍ୟବଧାନରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି ।

*****